ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 12-04-2024

ଗଜପତି(ଓଡିଶା) - :2024-04-12 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-04-13 | 2024-04-14 | 2024-04-15 | 2024-04-16 | 2024-04-17 |
|---|---|---|---|---|---|
| ବର୍ଷା (ମିମି) | 2.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 39.0 | 39.0 | 41.0 | 41.0 | 42.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 24.0 | 24.0 | 26.0 | 26.0 | 26.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 45 | 62 | 58 | 65 | 73 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 18 | 17 | 21 | 21 | 21 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 5 | 7 | 6 | 6 | 6 |
| ପବନର ଦିଗ (ଡିଗ୍ରୀ) | 206 | 212 | 225 | 225 | 240 |
| ମେଘାଚ୍ଛନ (ଅକ୍ଟା) | 2 | 3 | 1 | 1 | 2 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ଶୁକ୍ରବାର ଦିନ ଅତି ହାଲୁକା ବର୍ଷା ହୋଇପାରେ ଏବଂ ତା'ପରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସହିତ ଆକାଶ ମୁଖ୍ୟତଃ ସଫା ରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୦୫.୦ ରୁ ୦୭.୦ କିଲୋମିଟର ପ୍ରତି ଘଣ୍ଟା ମଧରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୯.୦° ସେଲସିୟସ ରୁ ୪୨.୦° ସେଲସିୟସ ଏବଂ ୨୪.୦° ସେଲସିୟସ ରୁ ୨୬.୦° ସେଲସିୟସ ମଧରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୪୫ ରୁ ୭୩ ଶତକଡା ଏବଂ ୧୭ ରୁ ୨୧ ଶତକଡା ମଧରେ ରହିପାରେ ।

## ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତ ସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୪୦.୦° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୪.୧° ସେଲସିୟସ ଥିଲା । ଗତ ସପ୍ତାହରେ ଜିଲ୍ଲାରେ ୦୪.୭ ମିଲିମିଟର ବର୍ଷା ହୋଇଅଛି । ଅପରାହ୍ନ ସମୟରେ ରୋଗନାଶକ, କୀଟନାଶକ କିମ୍ବା ତୃଣକନାଶକ ପ୍ରୟୋଗ କରନ୍ତୁ । ଅତ୍ୟଧିକ ତାପମାତ୍ରା ହ୍ରାସ କରିବା ପାଇଁ ଫସଲକୁ ପର୍ଯ୍ୟାପ୍ତ ଜଳସେଚନ କରନ୍ତୁ । ଧାନ କ୍ଷେତରେ ପାଣି ବାନ୍ଧିକି ରଖନ୍ତୁ । ଖରାଟିଆ ପନିପରିବା ଲଗେଇବା ପାଇଁ ଗ୍ରୀଷ୍ମ ପ୍ରବାହ କମିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ, ନଚେତ୍ ସନ୍ଧ୍ୟାରେ ଲଗାନ୍ତୁ ଏବଂ ଦିନରେ କାଗଜ କ୍ୟାପ୍ ସହିତ ଘୋଡାନ୍ତୁ । ନୂତନ ଭାବରେ ପ୍ରସ୍ତୁତ ପନିପରିବା ନର୍ସରୀକୁ ପଲିଥିନ କିମ୍ବା ନଡା ସହିତ ଘୋଡାନ୍ତୁ । ମାଟିର ଆର୍ଦ୍ରତା ସ୍ଥିତିକୁ ବଜାୟ ରଖିବା ପାଇଁ ଆଚ୍ଛାଦିକରଣ କରନ୍ତୁ । ବିଶେଷତଃ ବ୍ୟବସାୟିକ ଫସଲ ସହିତ ଫଳ ବଗିଚା ଏବଂ ବ୍ୟାପକ ବିସ୍ତାରିତ ପନିପରିବା ପାଇଁ ସୀମିତ ଜଳ ଉପଲବ୍ଧ ପରିସ୍ଥିତିରେ ବୁନ୍ଦା ଏବଂ ସିଞ୍ଚନ ଜଳସେଚନ ବ୍ୟବସ୍ଥା କରନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| କେତେକ ଅଞ୍ଚଳରେ କେନାଲ ଜଳର ଉପଲବ୍ଧତା ଅଭାବରୁ କୃଷକମାନେ ବିକଳ୍ପ ଭାବରେ ସିଆର ପଦ୍ଧତିରେ ଜଳସେଚନ ବ୍ୟବସ୍ଥା ଗ୍ରହଣ କରନ୍ତୁ, ଯାହାଦ୍ୱାରା ଜଳ ଆବଶ୍ୟକତା ପ୍ରାୟ ୫୦ ପ୍ରତିଶତ କମିଯିବ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଦିନ ଓ ରାତ୍ରି ସମୟର ତାପମାତ୍ରା ମଧ୍ୟରେ ତାରତମ୍ୟ ରହୁଥିବାରୁ ଧାନ ଫସଲରେ ମହିଷା ରୋଗ ଦେଖାଯାଇଛି । ଧାନ ଫସଲରେ ମହିଷା ରୋଗ ହେଲେ ଆକ୍ରାନ୍ତ ଗଛର ପତ୍ର ଗୁଡ଼ିକରେ ଆଖି ଆକୃତିର ଦାଗ ମାନ ଦେଖାଦିଏ । ଦାଗ ଗୁଡ଼କର ମଝିଅଂଶ ଚଉଡା ଓ ଦୁଇ ମୁଣ୍ଡ ସରୁଆ ହୋଇଥାଏ । ଦାଗର ଚାରି ପାଖ ଧୂସର ରଙ୍ଗର ଦେଖାଯାଉଥିବା ବେଳେ ମଝି ଅଂଶ ପାଉଁଶିଆ ଦେଖାଯାଏ । ଅତ୍ୟଧିକ ଆକ୍ରାନ୍ତ ଫସଲ ସଂପୂର୍ଣ୍ଣ ପୋଡିଗଲା ପରି ଦେଖାଯାଏ । ଏହି ରୋଗ ଦେଖାଦେଲେ ପ୍ରଥମେ ଆକ୍ରାନ୍ତ ଧାନ କିଆରୀରେ ପାଣି ଜମି ରହୁଥିଲେ ପାଣି କାଟି ଅଳ୍ପ ପାଣି ରଖନ୍ତୁ । ବିଲରୁ ଅନାବନା ଘାସ ବାଛି ଦିଅନ୍ତୁ । ଧାନ ଫସଲରେ ମହିଷା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦- ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦-ମିଲି Azoxystrobin ଓ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦- ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ କୁ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବାୟୁମଣ୍ଡଳ ର ତାପମାତ୍ରା ବୃଦ୍ଧି ପାଇବା ଯୋଗୁଁ ଧାନ ଫସଲ ରେ କାଣ୍ଡବିନ୍ଧା ପୋକର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି । ଧାନ ଫସଲରେ କାଣ୍ଡବିନ୍ଧା ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦- ମିଲି Fipronil ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୬୦-ମିଲି Chlorantraniliprole ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Chromafenozide ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

### ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | ବାଇଗଣର ଛୋଟ ପତ୍ର ରୋଗ ମାଇକୋପ୍ଲାଜମା ନାମକ ଏକ ଅଣୁଜୀବଜନିତ ରୋଗ । ପତ୍ରଡିଆଁ ପୋକ ଏହି ରୋଗର ବାହକ ଅଟେ । ବାଇଗଣ ର ଛୋଟପତ୍ର ରୋଗ ପରିଚାଳନା ପାଇଁ ପ୍ରଥମେ ଜମିରୁ ରୋଗାକ୍ରାନ୍ତ ଗଛ ଗୁଡ଼ିକୁ ଓପାଡି ଦୂରରେ ପୋତି ଦିଅନ୍ତୁ । ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୬୦ ଗ୍ରାମ Flonicamid ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଝଣଝଣିଆ | ଲଙ୍କା ଫସଲରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ଲାଗିବାର ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହି ପୋକ ଗୁଡ଼ିକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ଓ Fenpyroximate ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଲଙ୍କା | ଲଙ୍କା ଫସଲରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ଲାଗିବାର ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହି ପୋକ ଗୁଡ଼ିକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Profenophos ଓ Fenpyroximate ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଭେଣ୍ଡୀ | ବର୍ତ୍ତମାନ ସମୟରେ ଭେଣ୍ଡି ଫସଲରେ ଶୋଷକ ଜାତୀୟ କୀଟ ଯଥା ଜଉ ପୋକ, ପାତ୍ରଡିଆଁ ପୋକ, ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ଅଛି । ଏହି ପୋକ ଗୁଡ଼ିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟ ମାନଙ୍କର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥିଆମେଥୋକଜାମ ନାମକ କୀଟନାଶକ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କିମ୍ବା ୪୦୦ ମିଲି ଟୋଲଫେନପାଇରାଡ ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଆମ୍ବ | ଆନ୍ଥ୍ରାକ୍ନୋଜ୍ ର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦WP କିମ୍ବା ୨ଗ୍ରାମ୍ କ୍ଲୋରୋଥାଲୋନିଲ୍ ୭୫WP ସିଞ୍ଚନ କରନ୍ତୁ । ଆମ୍ବ ଫଳ ମାଛି ପରିଚାଳନା ପାଇଁ ଫଳ ମାଛି ଯନ୍ତା ବ୍ୟବହାର କରନ୍ତୁ । ଯାଦୁଆ ରୋଗର ପରିଚାଳନା ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦WP + ୦.୩ ଗ୍ରାମ୍ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ଷ୍ଟ୍ରେପ୍ଟୋମାଇସିନ୍ ମିଶ୍ରଣ ସିଞ୍ଚନ କରନ୍ତୁ । କ୍ରିୟାତ୍ମକ ବିକାରର ପରିଚଳନା ପାଇଁ ବୋରାକ୍ସ ୨ ଗ୍ରାମ୍ ପ୍ରତି ଲିଟର ସିଞ୍ଚନ କରନ୍ତୁ । |
| କାଜୁ | କାଜୁବାଦାମ ଫସଲରେ କାଣ୍ଡ ଏବଂ ଚେର ବିନ୍ଧା ପୋକ ର ନିବାରଣ ପାଇଁ କ୍ଷତିଗ୍ରସ୍ତ କିମ୍ବା ସୁଡଙ୍ଗ ହୋଇଥିବା ଗଛ ଛାଲ କୁ ହଟାଇ ଦିଅନ୍ତୁ (ଧ୍ୟାନ ରଖିବେ ଯେମିତି ଛାଲ ର ସର୍ବନିମ୍ନ ୫୦ ପ୍ରତିଶତ ରହିବ) । ଅତି ମାତ୍ରାରେ ଆକ୍ରାନ୍ତ ଓ ମଲା ଗଛଗୁଡ଼ିକୁ ଉପଡ଼ି ଫୋପାଡ଼ି ଦିଅନ୍ତୁ । ପ୍ରାରମ୍ଭରେ ଆକ୍ରାନ୍ତ ଗଛରୁ ଯାନ୍ତ୍ରିକ ଉପାୟରେ ଅଣ୍ଡା ଓ ଅପ୍ରାପ୍ତ ବୟସ୍କ ଶୂକ ପୋକ ଗୁଡ଼ିକୁ କାଢ଼ି ମାରି ଦେବା ଆବଶ୍ୟକ ଏବଂ ସେହି କଟା ସ୍ଥାନ ଓ ଗଛର ମୂଳକୁ ପ୍ରତି ଲିଟର ପାଣିରେ ୨ ଗ୍ରାମ କାର୍ବାରିଲ୍ ୫୦ ଡବ୍ଲୁପି ବା ୧ ମିଲି ଲିନ୍ଡେନ୍ ୨୦ ଇସି ଦ୍ୱାରା ଭିଜାଇ ଦିଅନ୍ତୁ । ଗଛର ଗଣ୍ଡିକୁ ଭୂମିପତନଠାରୁ ଏକ ମିଟର ଉଚ୍ଚତା ପର୍ଯ୍ୟନ୍ତ କିରାସିନ୍ ଓ ଆଲକାତରା (୧:୨) ଦ୍ରବଣ ବା ନିମ୍ବ ତେଲ ୫% ର ପ୍ରଲେପ ଲଗାନ୍ତୁ । ଏହା ଦ୍ୱାରା ପୋକର ଅଣ୍ଡା ଦେବାକୁ ରୋକାଯାଇପାରିବ । ଚା' ମଶକ ପୋକର ପ୍ରାଦୁର୍ଭାବ ଦେଖାଦେଇଛି । ପତ୍ର କଅଁଳିବା ଅବସ୍ଥାରେ ମନୋକ୍ରୋଟୋଫସ୍ ୩୬ ଏସ୍ଲ୍ ୩ ଲିଟର ସିଞ୍ଚନ କରନ୍ତୁ । ଫୁଲଧରିବା ଏବଂ ଫଳ ଧରିବା ଅବସ୍ଥାରେ ହେକ୍ଟର ପ୍ରତି ୩ କିଗ୍ରା ଏଣ୍ଡୋସଲଫାନ ୩୫ ଇସି କିମ୍ବା କାର୍ବାରିଲ୍ ୫୦ ଡବ୍ଲୁପି ୧୫୦୦ ରୁ ୨୦୦୦ ଲିଟର ପାଣିରେ ୟୁରିଆ ୩% ମିଶାଇ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଅଧିକ ଗରମ କାରଣରୁ ପ୍ରାଣୀମାନଙ୍କର ଦୁଗ୍ଧ, ମାଂସ ଆଦି ଉତ୍ପାଦନ କ୍ଷମତା କମିଯାଏ ଓ ତାଙ୍କ ଅବସ୍ଥାରେ କିଛି ସୁଧାର ନ ଆସିଲେ ପ୍ରାଣୀମାନେ ମୃତ୍ୟୁବରଣ ମଧ୍ୟ କରିପାରନ୍ତି । ଦିନବେଳା ଖରା ଅଧିକ ହେଲେ ପ୍ରାଣୀମାନଙ୍କୁ ଗୁହାଳରୁ କାଢ଼ି ଛାଇ ଜାଗାରେ ବାନ୍ଧିବା ଉଚିତ୍ । ଗୁହାଳର ଛପର ଟିଣ ବା ଆଜବେଷ୍ଟସ୍ ର ହୋଇଥିଲେ ତା ଉପରେ ଛଣ ବା ନଡ଼ିଆ ବାହୁଙ୍ଗା ପକାଇ ରଖନ୍ତୁ ଓ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ । ଜୋର ରେ ଖରା ହଉଥିଲେ ଗୁହାଳର ଖୋଲାଥିବା ଜାଗା ଗୁଡ଼ିକରେ ଓଦା ଅଖା ଟଙ୍ଗାଇ ରଖନ୍ତୁ ଓ ଛାଇ ହୋଇଗଲେ ଅଖା ଖୋଲି ଦିଅନ୍ତୁ । କାନ୍ଥ ଓ ଛାତ ଉପରେ ଧଳା ରଙ୍ଗର ଚୂନର ଲେପ ଦିଅନ୍ତୁ । ଅଧିକ ଉତ୍ପାଦନକ୍ଷମ ପ୍ରାଣୀ ଥିଲେ ପଙ୍ଖା, ପାଣି ଛିଞ୍ଚିବା ଜନ୍ତ୍ର ଓ ଅନ୍ୟ ତାପମାତ୍ରା କମ କରିପାରୁଥିବା ଉପକରଣ ଲଗେଇବାର ବ୍ୟବସ୍ଥା କରାଯିବା ଦରକାର । ଅଂଶୁଘାତ ରେ ଆକ୍ରାନ୍ତ ହେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ, ମୁଣ୍ଡରେ ବରଫ ଘସନ୍ତୁ, ଓଦା କପଡ଼ା ବା ଅଖା ରଖନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ କାର୍ପ | ଯଦି ମାଛ ଚାଷ ପାଇଁ ପୋଖରୀରେ ମାଛ ଜାଆଁଳା ଥାଏ, ତେବେ ମତ୍ସ୍ୟ ଚାଷୀମାନେ ଜଳର ଗୁଣବତ୍ତା ଏବଂ ସ୍ତର ଉପରେ ନଜର ରଖିବା ସହ ତାପମାତ୍ରା ଉପରେ ମଧ୍ୟ ନଜର ରଖିବା ଉଚିତ୍ । ଯଦି ଜଳର ତାପମାତ୍ରା ୩୦° ସେଲସିୟସ ରୁ ଅଧିକ ହେଲେ କିମ୍ବା ଜଳ ସ୍ତର ୧ ମିଟର ଗଭୀର ତଳକୁ ଚାଲିଗଲେ ଚାଷୀଭାଇ ମାନେ ଶୀଘ୍ର ଅମଳ କରିନିଅନ୍ତୁ ଏବଂ ମାଛ ବିହନ ଉତ୍ପାଦନ ଏବଂ ମାଛ ଚାଷ କାର୍ଯ୍ୟକଳାପ କୁ ସାମୟିକ ବନ୍ଦ ରଖନ୍ତୁ । ପ୍ରଜନନ ଏବଂ ମାଛ ଚାଷ କୁ ବନ୍ଦ କରନ୍ତୁ । |

## କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| କୁକୁଡ଼ା ପାଳନ | କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କୁକୁଡ଼ା | ଖରା ଦାଉରୁ କୁକୁଡା ଓ ବତକ ମାନଙ୍କର ମାଂସ, ଅଣ୍ଡା ଆଦି ଉତ୍ପାଦନ କ୍ଷମତା କମିଯାଏ ଓ ଅନେକ ସମୟରେ କୁକୁଡା, ବତକ ମାନେ ମୃତ୍ୟୁବରଣ ମଧ୍ୟ କରିଥାନ୍ତି । ଖରା ଦାଉରୁ ରକ୍ଷା କରିବା ପାଇଁ କୁକୁଡା ଓ ବତକ ଘର ତିଆରି କଲାବେଳେ ଧ୍ୟାନ ଦେବେ ଯେପରି ଘର ଭିତରକୁ ସିଧା ଖରା ପଡୁ ନ ଥିବ, ମୁକ୍ତ ବାୟୁ ଚଳପ୍ରଚଳ କରୁଥିବ, ଘରର ଛପର ଉଚ୍ଚ ଓ ପାର୍ଶ୍ୱ କାନ୍ଥ ନୀଚ ଥିବା ଛପର ଉପରେ କଖାରୁ ଜାତୀୟ ଲତାଜାତୀୟ ଗଛ ମଡାନ୍ତୁ ଓ ଦିନବେଳା ପାଣି ଛିଞ୍ଚନ୍ତୁ । କୁକୁଡା ଓ ବତକ ମାନଙ୍କ ଉପରେ ମଧ୍ୟ ପାଣି ଛିଞ୍ଚନ୍ତୁ, କିନ୍ତୁ ଧ୍ୟାନ ଦିଅନ୍ତୁ ଲିଟର ଯେମିତି ବେଶୀ ଓଦା ନ ହୁଏ । ଓଦା ଅଖା କୁ କୁକୁଡା ଓ ବତକ ଘର ଜାଲି ଉପରେ ଟାଙ୍ଗି |

| କୁକୁଡ଼ା ପାଳନ | **କୁକୁଡ଼ା ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ** |
|---|---|
| | ଦେଲେ ଘର ଥଣ୍ଡା ରହିଥାଏ । ଲିଟର କୁ ବାରମ୍ବାର ଘାଣ୍ଟିବା ଦରକାର କାରଣ ଏହା ଦିନବେଳା ଉତ୍ତାପ ଧାରଣ କରିଥାଏ ଓ ଘର ଭିତରେ ଅଧିକ ଗରମ ପରିବେଶ ସୃଷ୍ଟି କରିଥାଏ । ଘର ଚାରିପଟେ ବହଳିଆ ପତ୍ର ଥିବା ଗଛ ଲଗାନ୍ତୁ । |